୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯବେକ୍ଷକ

Vol.26 . No.91 Bhubaneswar Thursday May 16 2024 | ୨୬ତମ ବର୍ଷ ସଂଖ୍ୟା–୯୧ ଭୁବନେଶ୍ୱର, ଗୁରୁବାର, ମଇ ୧୬, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ହିସାବ ମାଗିବାରୁ ମହିଳାଙ୍କୁ ଖୋଲା ଧମକ ଦେଲେ ବିଜେଡ଼ି ପ୍ରାର୍ଥୀ ଲତିକା ପ୍ରଧାନ !



ଭୁବନେଶ୍ୱର,୧୫।୫(ପି.ଏନ): ହିଂସ୍ର ହେଲେ ଶାସକ ବିଜେଡିର ବିଧାୟକ ପ୍ରାର୍ଥୀ ଲତିକା ପ୍ରଧାନ! ୫ ବର୍ଷର ହିସାବ ମାଗିବାରୁ ସର୍ବ ସମ୍ମୁଖରେ ମହିଳାଙ୍କୁ ଖୋଲା ଧମକ ଦେଲେ! ଉଠାଇ ନେଇ ମାଡ ମାରିବାକୁ ପୁରୁଷ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗ ହୋଇଛି । ଲତିକାଙ୍କ ପୁରୁଷ ସମର୍ଥକମାନେ ଗାଁର ମହିଳାଙ୍କୁ ଠେଲାପେଲା ଓ ଟଣାଓଟରା କରିଥିବା ଅଭିଯୋଗ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜିଲ୍ଲା ଗଞ୍ଜାମରୁ ଆସିଛି ଏପରି ଅଭିଯୋଗ । ତେବେ ଏଠି ପ୍ରଶ୍ନ ଉଠୁଛି, ବିଜେଡି ସରକାରରେ ମହିଳାଙ୍କୁ ଇଏ କି ପ୍ରକାର ସମ୍ମାନ ? ବିଧାୟକ ପ୍ରାର୍ଥୀ ନିଜେ ଜଣେ ମହିଳା ହୋଇ ପୁରୁଷ କର୍ମୀଙ୍କ ମାଧ୍ୟମରେ ମହିଳାଙ୍କୁ ଟଣାଓଟରା କରିବା କେତେଦୂର ଯୁକ୍ତିଯୁକ୍ତ । ଏହାକୁ ନେଇ ଚଳଚଞ୍ଚଳ ହୋଇଛି ଗଞ୍ଜାମ ବିଜେଡି ରାଜନୀତି ।କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ହେଉଛନ୍ତି ଲତିକା ପ୍ରଧାନ । ମଙ୍ଗଳବାର ରାତିରେ ସେ ନିଜ ସମର୍ଥକଙ୍କ ସହ ବେଗୁନିଆପଡା ପଞ୍ଚାୟତକୁ ଯାଇଥିଲେ । ସେଠାରେ ଖୋଲା ଗାଡିରେ ବିଶାଳ ରୋଡ୍ ? ଶୋ' କରୁଥିଲେ । ରୋଡ୍ ଶୋ'ରେ ଯାଉଥିବା ବେଳେ ଗାଁ ମଝିରେ ତାଙ୍କୁ କିଛି ମହିଳା ଅଟକାଇ ଥିଲେ । ଗତ ୫ ବର୍ଷରେ ଗାଁ ପାଇଁ କ'ଣ ବିକାଶ କାମ କରିଛ ବୋଲି ପଚାରିଥିଲେ । ହେଲେ ଏହାର ଜବାବ ଦେଇପାରିନଥିଲେ ଲତିକା । ବରଂ ମହିଳାଙ୍କ ଉପରେ ବିରକ୍ତ ପ୍ରକାଶ କରିଥିଲେ । ଧମକ ଚମକ ଦେଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି ।

## କେଜ୍ରିୱାଲଙ୍କୁ ମିଳିଛି ସ୍ପେଶାଲ୍ ଟ୍ରିଟ୍‌ମେଣ୍ଟ୍ !



ଭୁବନେଶ୍ୱର,୧୫।୫(ପି.ଏନ): ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗିରଫ ହେବାର ୫୦ ଦିନ ପରେ ସୁପ୍ରିମ କୋର୍ଟରୁ ଅନ୍ତରୀଣ ଜାମିନ ପାଇ ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରୁଥିବା ବେଳେ କଡା ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ । ସେ କହିଛନ୍ତି ଯେ ତାଙ୍କୁ ଲାଗୁନି ଏହା ସୁପ୍ରିମ୍ କୋର୍ଟଙ୍କର ଏକ ନିୟମିତ ରାୟ । ଦେଶରେ ଅନେକ ଲୋକ ଭାବୁଛନ୍ତି ଯେ କେଜ୍ରିୱାଲଙ୍କୁ 'ସ୍ପେଶାଲ୍ ଟ୍ରିଟ୍‌ମେଣ୍ଟ୍' ମିଳିଛି । ନ୍ୟୁଜ୍ ଏଜେନ୍ସୀ ଏଏନ୍‌ଆଇକୁ ବୁଧବାର ଦେଇଥିବା ଏକ ସାକ୍ଷାତକାରରେ ଶ୍ରୀ ଶାହ ଏହି କଥା କହିଛନ୍ତି ।ଯଦି ତାଙ୍କ ଦଳ ସପକ୍ଷରେ ଭୋଟ୍ ପଡିବ, ତା'ହେଲେ ତାଙ୍କୁ ଆଉ ଜେଲ୍ ଯିବାକୁ ପଡିବନି ବୋଲି ଆପ୍ ମୁଖ୍ୟ କହୁଥିବା ନେଇ ଅମିତ ଶାହଙ୍କୁ ଏକ ପ୍ରଶ୍ନ କରାଯିବାରେ ସେ କହିଥିଲେ, ମୁଁ ଭାବୁଛି ଏହା ସ୍ପଷ୍ଟ ଭାବେ ସୁପ୍ରିମ କୋର୍ଟଙ୍କ ଅବମାନନା । ସେ କହିବାକୁ ଚାହୁଁଛନ୍ତି ଯେ ଯଦି କେହି ବିଜୟୀ ହୋଇଯିବେ, ତା'ହେଲେ ସେ ଦୋଷୀ ହୋଇଥିଲେ ବି ସୁପ୍ରିମ କୋର୍ଟ ତାଙ୍କୁ ଜେଲ୍ ପଠାଇବେ ନାହିଁ । ଯେଉଁ ବିଚାରପତିମାନେ ତାଙ୍କୁ ଜାମିନ ଦେଇଛନ୍ତି ସେମାନଙ୍କୁ ଭାବିବାକୁ ପଡିବ ଯେ ସେମାନଙ୍କ ରାୟର କେମିତି ବ୍ୟବହାର ଅବା ଅପବ୍ୟବହାର ହେଉଛି ।

## ଆସନ୍ତା ଜୁଲାଇରୁ ବିଜେଡି ସରକାର ମାଗଣା ବିଜୁଳି ଦେବେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୫(ପି.ଏନ): ବିଜେଡି ସରକାର ମାଗଣା ବିଜୁଳି ଦେବେ । ଆସନ୍ତା ଜୁଲାଇ ମାସ ଠାରୁ ବିଜୁଳି ମାଗଣାରେ ମିଳିବ ?ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ଏକ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରିୟ ଭାଇ ଓ ଭଉଣୀ ମାନେ । ଆପଣ ମାନକୁ ଜୁହାର । ଏତେ ଦୂରରୁ ଆପଣ ମାନେ ଆସିଛନ୍ତି । ବିଜୁ ସ୍ୱାସ୍ଥ୍ୟ କାର୍ଡ, ମିସନ ଶକ୍ତି, ଲକ୍ଷ୍ମୀ ବସ, ୫ଟି ସ୍କୁଲ, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ଭଲ କି ? ବୋଲି ପଚାରିଥିଲେ ।ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ କହିଥିଲେ, ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବିଜେଡି ଗଡ଼ । ଏଠି ଜଣେ କେନ୍ଦ୍ରମନ୍ତ୍ରୀ ଅଛନ୍ତି । ତାଙ୍କୁ କିଏ ୧୦ ବର୍ଷରେ ଦେଖିଛନ୍ତି କି ? ଜାତୀୟ ରାଜପଥ ୫୫ କାମ କରିଛନ୍ତି କି ? କେବଳ ମିଛ ପ୍ରଚାର କରୁଛନ୍ତି । ଭିକେ ପାଣ୍ଡିଆନ ବୁଲିଲା ବେଳେ ଆଠମଲ୍ଲିକର ୯୦ ପ୍ରତିଶତ ମନ୍ଦିରକୁ ସହାୟତା ଦେଇଛନ୍ତି । ବିଜେପି କେବଳ ନିର୍ବାଚନ ଜୁମଲା କରୁଛି । ଇସ୍ତାହାରରେ ଯାହା ଅଛି ସରକାର ଗଢିବାର ପ୍ରଥମ ଦିନରେ ଅନେକ ପୂରଣ ହେବ । ବିଜେଡି ସରକାର ଜୁଲାଇ ମାସରୁ ମାଗଣା ବିଜୁଳି ମିଳିବ । ଲକ୍ଷାଧିକ ଭୋଟରେ ଯୋଡି ଶଙ୍ଖ ଜିତିବ ବୋଲି ଶ୍ରୀ ଦାସ କହିଛନ୍ତି ।

## ବିଜେଡ଼ି ବିଧାୟକ ପ୍ରାର୍ଥୀଙ୍କୁ ବିରୋଧ କଲେ ନିଜ ଦଳର ଗୋଟିଏ ଗୋଷ୍ଠୀ

ଭୁବନେଶ୍ୱର,ମତଦାନ ପାଇଁ ସମୟ ଯେତେ ପାଖେଇ ଆସୁଛି, ବିଜେଡି କଳି ସେତେ ତୀବ୍ର ହେଉଛି । ଆଜି ପ୍ରଚାର କରିବାକୁ ଯାଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ନୃସିଂହ ଚରଣ ସାହୁଙ୍କୁ ନିଜ ଦଳର ଗୋଟିଏ ଗୋଷ୍ଠୀ ବିରୋଧ କରିଛନ୍ତି । ଗାଁରେ ଶୋଭାଯାତ୍ରା କରିବାକୁ ଦେଇନଥିବା ଅଭିଯୋଗ ହୋଇଛି । ଢେଙ୍କାନାଳ ଜିଲ୍ଲାରୁ ଆସିଛି ଏପରି ଚିତ୍ର ।ଢେଙ୍କାନାଳ ଲୋକସଭା କ୍ଷେତ୍ରର ସବୁଠାରୁ ଚର୍ଚ୍ଚିତ ବିଧାନସଭା ନିର୍ବାଚନମଣ୍ଡଳୀ ହେଉଛି ପରଜଙ୍ଗ । ଏହି ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ହେଉଛନ୍ତି ନୃସିଂହ ସାହୁ । ଆଜି ଶ୍ରୀ ସାହୁ ନିଜ ସମର୍ଥକଙ୍କ ସହ ମକୁଆକାଟେଣୀ ଗାଁକୁ ଯାଇଥିଲେ । ଶୋଭାଯାତ୍ରାରେ ଗାଁ ପରିକ୍ରମା କରୁଥିବା ବେଳେ ରାସ୍ତାରେ ଅଟକାଇଥିଲେ ବିଜେଡିର ଗୋଟିଏ ଗୋଷ୍ଠୀ । ନୃସିଂହ ଚରଣ ସାହୁଙ୍କୁ ଆଗକୁ ବଢ଼ିବାକୁ ଦେଇନଥିଲେ । ଯେଉଁଥିପାଇଁ ବିଜେଡିର ଦୁଇ ଗୋଷ୍ଠୀ ମୁହାଁମାହିଁ ହୋଇଥିଲେ । ଏପରିକି ବିଧାୟକଙ୍କ ସହ ଯୁକ୍ତିତର୍କ ହୋଇଥିଲା । ଶେଷରେ ନୃସିଂହ ସାହୁ ନିଜର ସମର୍ଥକଙ୍କୁ ଧରି ଅନ୍ୟ ଗାଁକୁ ଯାଇଥିଲେ ।

## ନବୀନ ବାବୁ ବ୍ୟାଗ୍‌ରେ ଷ୍ଟିକର ମାରି ନିଜେ ଚାଉଳ ଦେଉଛନ୍ତି ବୋଲି କହୁଛନ୍ତି: ଶାହ

ଭୁବନେଶ୍ୱର,୧୫।୫(ପି.ଏନ): ଗରିବଙ୍କୁ ଚାଉଳ ଦେବା ପ୍ରସଙ୍ଗ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟ ସରକାରଙ୍କୁ ଘେରିଛନ୍ତି । ଗଂଜାମ ଜିଲ୍ଲା ଆସିକା ଲୋକସଭା ଅଧୀନ ସୋରଡାରେ ଭାରତୀୟ ଜନତା ପାର୍ଟି (ବିଜେପି)ର ବିଜୟ ସଂପର୍କ ସମାବେଶରୁ ନବୀନଙ୍କୁ ସିଧା ନିଶାନା କରିଛନ୍ତି । ସେ କହିଛନ୍ତି, ଗରିବ କଲ୍ୟାଣ ଯୋଜନାରେ ଦେଶର ଗରିବ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାଉଳ ପଠାଉଛନ୍ତି । ହେଲେ ମୋଦୀ ପଠାଉଥିବା ଚାଉଳକୁ ନବୀନ ସରକାର ଏକ ବ୍ୟାଗରେ ପୂରାଇ ଷ୍ଟିକର ମାରି ନିଜେ ଚାଉଳ ଦେଉଥିବା କଥା କହୁଛନ୍ତି । ଯଦି ବ୍ୟାଗ ଦେଉଛ, ସେଥିରେ ଆଉ ଅଢେଇ କେଜି ଚାଉଳ ଦିଅନ୍ତୁ । ଚାଉଳ ଦେଲେ ଗରିବ ଲୋକ ଉପକୃତ ହେଇପାରିବେ ବୋଲିଶାହା କହିଛନ୍ତି ।ନବୀନଙ୍କୁ ଟାର୍ଗେଟ କରି ଶାହ ଆହୁରି ମଧ୍ୟ କହିଛନ୍ତି ଯେ, ଏଭଳି କରି ମିଛରେ ଶ୍ରେୟ ନେବାକୁ ଉଦ୍ୟମ କରୁଛନ୍ତି ନବୀନ ବାବୁ । ହେଲେ ଚିନ୍ତା କରିବା ଦରକାର ନାହିଁ । କାହିଁକି ନା, ନବୀନ ବାବୁ ଆଉ ସରକାରକୁ ଆସିବେନି । ଓଡିଶାର ଲୋକ ତାଙ୍କୁ ଟାଟା ବାଏ ବାଏ କରିଦେବେ । ଏବେ ଓଡିଶାରେ ବିଜେପିର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି ।

## ବଲାଙ୍ଗୀରରୁ କେନ୍ଦ୍ରକୁ ଟାର୍ଗେଟ କଲେ ରାହୁଲ ଗାନ୍ଧୀ



ବଲାଙ୍ଗୀର,୧୫।୫(ପି.ଏନ): ଜୁନ ୪ରେ କେନ୍ଦ୍ରରେ ଇଣ୍ଡି ମେଣ୍ଟ ସରକାର ଗଢିବ । ବିରୋଧୀଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଏହି ଦମ୍ଭୋକ୍ତି ଦେଖାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ । ବଲାଙ୍ଗୀରକୁ ରାହୁଲ ଗାନ୍ଧୀ ପ୍ରଚାରରେ ଆସି କେନ୍ଦ୍ର ସରକାରଙ୍କ ଉପରେ ଗର୍ଜିଛନ୍ତି । ୨୨ ଜଣ ଶିଳ୍ପପତିଙ୍କୁ ୧୬ ଲକ୍ଷ କୋଟି ଟଙ୍କା ଛାଡ କରି କେନ୍ଦ୍ର ସରକାର ଧନୀଙ୍କଙ୍କୁ ପ୍ରୋତ୍ସାହନ ଦେଇଛନ୍ତି ।କେନ୍ଦ୍ର ସରକାର ୨୨/ ୨୫ ଜଣଙ୍କ ପାଇଁ କାମ କରୁଛନ୍ତି । ସରକାରକୁ ୯୦ ଅଫିସର ଚଳାଉଛନ୍ତି । ସେଥିରୁ ମାତ୍ର ତିନି ଜଣ ଦଳିତ । ଏଥିରୁ ଜଣାପଡୁଛି କେନ୍ଦ୍ରର ଆଦିବାସୀ ଓ ଦଳିତ ପ୍ରୀତି । ବିଜେପି ସରକାର ଏଥର କ୍ଷମତାକୁ ଆସିଲେ ସମ୍ବିଧାନ ବଦଳାଇଦେବେ ବୋଲି କହୁଛନ୍ତି । ଦୁନିଆର କୌଣସି ଶକ୍ତି ସମ୍ବିଧାନ ବଦଳାଇପାରିବନି ବୋଲି ରାହୁଲ ଚେତାବନୀ ଦେଇଛନ୍ତି ।ଇଣ୍ଡି ମେଣ୍ଟ ସରକାରକୁ ଆସିଲେ ପ୍ରଥମେ ଗରିବ ଲୋକଙ୍କ ତାଲିକା ହେବ । ପ୍ରତ୍ୟେକ ପରିବାରରୁ ଜଣେ ମହିଳାଙ୍କୁ ବଛାଯିବ । ୪ ଜୁଲାଇରେ ସେହି ମହିଳାଙ୍କ ଖାତାକୁ ପ୍ରଥମ କିସ୍ତିରେ ୮ ହଜାର ୫ଶହ ଟଙ୍କା ଯିବ । ଏପରି ଭାବେ ବର୍ଷକରେ କୋଟି କୋଟି ମନୋନୀତ ମହିଳାଙ୍କ ଖାତାକୁ ଏକ ଲକ୍ଷ ଟଙ୍କା ଯିବ ବୋଲି କହିଛନ୍ତି ରାହୁଲ । ସେହିପରି ଖାଲି ପଡିଥିବା ୩୦ ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ । ମନରେଗା ମଜୁରୀକୁ ୨୫୦ରୁ ୪ଶହ ଟଙ୍କା କରିବ ଇଣ୍ଡି ମେଣ୍ଟ ସରକାର । ଇଣ୍ଡି ମେଣ୍ଟ ଆସିଲେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରିବା ସହ ସମସ୍ତ ଚାଷୀଙ୍କ ଋଣ ଛାଡ କରିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି ।

## ଝାଡଖଣ୍ଡ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଆଲାମଗିର ଆଲାମ ଗିରଫ

ରାଞ୍ଚି.୧୫।୫(ପି.ଏନ): ଝାଡଖଣ୍ଡ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା କଂଗ୍ରେସ ନେତା ଆଲାମଗିର ଆଲାମଙ୍କୁ ଇଡି ଗିରଫ କରିଛି । ବୁଧବାର ସକାଳେ ଦ୍ୱିତୀୟ ଥର ପାଇଁ ଇଡି ଆଲାମଗିରଙ୍କୁ ପଚରାଉଚରା ପାଇଁ ଡକାଇଥିଲା । ତଦନ୍ତରେ ସହଯୋଗ ନକରିବାରୁ ମନ୍ତ୍ରୀ ଆଲାମଗିରଙ୍କୁ ଗିରଫ କରାଯାଇଛି । ଟେଣ୍ଡର ସ୍କାମରେ ନିକଟରେ ଆଲାମଗିରଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲଙ୍କ ଘରୋଇ ସହାୟକ ଜାହାଙ୍ଗୀର ଆଲାମଙ୍କ ଘରେ ଇଡି ଚଢ଼ାଉ କରିଥିଲା । ଏହି ଚଢ଼ାଉରେ ଇଡି ପ୍ରାୟ ୩୭ କୋଟି ଟଙ୍କା ଜବତ କରିଛି । ଘରୋଇ ସହାୟକ ଜାହାଙ୍ଗୀର ଆଲାମଙ୍କ ଘରୁ ପ୍ରାୟ ୩୫.୫ କୋଟି ଟଙ୍କା ଜବତ କରାଯାଇଥିଲା ।ଏହି ମାମଲାରେ ସଞ୍ଜୀବ ଲାଲ ଏବଂ ଜାହାଙ୍ଗୀର ଆଲାମଙ୍କୁ ଇଡି ଗିରଫ କରିଥିଲା । ପରେ ସଞ୍ଜୀବ ଲାଲଙ୍କ କାର୍ଯ୍ୟାଳୟରେ ଖୋଜାଖୋଜି ବେଳେ ପ୍ରାୟ ଅଢେଇ କୋଟି ଟଙ୍କା ମୂଲ୍ୟର ନଗଦ ଟଙ୍କା ଜବତ କରାଯାଇଥିଲା । ସଂଜୀବ ଲାଲ ଏବଂ ଜାହାଙ୍ଗୀର ଆଲାମ ବର୍ତ୍ତମାନ ଇଡି ରିମାଣ୍ଡରେ ଅଛନ୍ତି । ଏଠାରେ କହିରଖୁଛୁ ଯେ ଇଡି ଚଢ଼ାଉ କରି କୋଟି କୋଟି ନଗଦ ଟଙ୍କା ମିଳିବା ଘଟଣାରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ନେତାମାନଙ୍କୁ ଟାର୍ଗେଟ କରିଛି ବିଜେପି ।ଆଲାମଗିର ଆଲାମ ହେଉଛନ୍ତି ରାଜ୍ୟର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ । ଗତ ସପ୍ତାହରେ ତାଙ୍କ ଘରୋଇ ସହାୟକ ଘରୁ କୋଟି କୋଟି ଟଙ୍କା ଜବତ ପରେ ସେ ବିବାଦକୁ ଆସିଥିଲେ ।

## ଲିଙ୍ଗରାଜ ମନ୍ଦିର ନିକଟରେ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚାର

ଭୁବନେଶ୍ୱର,୧୫।୫(ପି.ଏନ): ନାଁ ନନେଇ ଭୁବନେଶ୍ୱର ସାଂସଦଙ୍କୁ ନିଶାଣ କରିଛନ୍ତି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ଲୋକଙ୍କ ଆଶୀର୍ବାଦରେ ସାଂସଦ ହେଲେ । କେନ୍ଦ୍ରରୁ ୩ଶହ କୋଟି ଆଣି ଆଇଟି ପାର୍କ କରି ରୋଜଗାର ଦେବେ ବୋଲି କହିଲେ । ହେଲେ ଭୁବନେଶ୍ୱର ସାଂସଦ କର୍ପୋରେଟର ଓ ସରପଞ୍ଚଙ୍କ କାମରେ ମୁଣ୍ଡ ପୂରାଇଲେ ।ଏମିତି ସାଂସଦ ଆଉ ଦରକାର ନାହିଁ ବୋଲି କହିଛନ୍ତି ଫାଇଭ-ଟି ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ । ଆଜି ଭୁବନେଶ୍ୱର ଏକାମ୍ର ପାଇଁ ପ୍ରଚାର କରି ଲିଙ୍ଗରାଜ ମନ୍ଦିର ଆଗରୁ ଏପରି ସମାଲୋଚନା କରିଛନ୍ତି ପାଣ୍ଡିଆନ । ୧୪ ଜାଗା ବୁଲି ଆସିବାରୁ ବିଳମ୍ବ ହେଲା ବୋଲି ପ୍ରଥମେ କ୍ଷମା ମାଗିଥିଲେ ପାଣ୍ଡିଆନ ।ଲିଙ୍ଗରାଜ ମନ୍ଦିର ଆଗରେ କେବେ ଭାଷଣ ରଖିବେ ବୋଲି ଭାବିନଥିଲେ ବୋଲି କହିବା ସହ ଭୁବନେଶ୍ୱର ସାଂସଦଙ୍କ କାମକୁ ସମାଲୋଚନା କରିଥିଲେ । ଏକାମ୍ର ପାଇଁ ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଭଲ କାମ କରୁଛନ୍ତି ତାଙ୍କୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ । ଏହାସହ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ମଧ୍ୟ ଆଶୀର୍ବାଦ କରିବାକୁ ପାଣ୍ଡିଆନ ନିବେଦନ କରିଥିଲେ । ଏହି ଅଞ୍ଚଳ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ କାମ କରିଛନ୍ତି ।ଏକାମ୍ର ପ୍ରକଳ୍ପ କିପରି ରୂପ ନେଲା ସେ ନେଇ ଲୋକଙ୍କୁ କହିଥିଲେ ପାଣ୍ଡିଆନ । ଲିଙ୍ଗରାଜ ମନ୍ଦିରକୁ ହଜାର ହଜାର ଲୋକ ଆସୁଛନ୍ତି । ହେଲେ ଠିଆ ହେବାକୁ ଜାଗା ନଥିଲା । ତାପରେ ଅଶୋକ ବାବୁଙ୍କ ସହ କଥା ହୋଇ ଏକାମ୍ର ପ୍ରକଳ୍ପ ଆରମ୍ଭ ହେଲା ।

## ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ମରଣାନ୍ତକ ଆକ୍ରମଣ



ବ୍ରାଟିସ୍ଲାଭା,୧୫।୫(ପି.ଏନ): ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ରବର୍ଟ ଫିକୋଙ୍କୁ ମରଣାନ୍ତକ ଆକ୍ରମଣ । କ୍ୟାବିନେଟ ବୈଠକ ପରେ ସମ୍ବୋଧିତ କରୁଥିବା ବେଳେ ଏହି ଆକ୍ରମଣ ଘଟିଛି । ତାଙ୍କୁ ହତ୍ୟା କରିବା ପାଇଁ ଆକ୍ରମଣକାରୀ ଅନେକ ରାଉଣ୍ଡ ଗୁଳି ଚଳାଇଥିଲା । ଗୁରୁତର ଅବସ୍ଥାରେ ଫିକୋଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।ସ୍ଲୋଭାକିଆ ପ୍ରଧାନମନ୍ତ୍ରୀଙ୍କୁ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ? ଆବେଙ୍କ ଭଳି ଗୁଳିମାଡ କରାଯାଇଥିଲା । ଜଣେ ଆକ୍ରମଣକାରୀ ଥିଲେ କି ଜଣେରୁ ଅଧିକ ଥିଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ପୋଲିସ ଜଣଙ୍କୁ ଅଟକ ରଖିଛି ।ଗତ ବର୍ଷ ଅକ୍ଟୋବରରେ ଚତୁର୍ଥ ଥର ପାଇଁ ସ୍ଲୋଭାକିଆର ପ୍ରଧାନମନ୍ତ୍ରୀ ଭାବେ ରବର୍ଟ ଫିକୋ ଦାୟିତ୍ୱ ହୋଇଥିଲେ । ସେ ୨୨.୯୪ ପ୍ରତିଶତ ଭୋଟ୍ ସହ ଜିତିଥିଲେ । ରୋବର୍ଟ ଋଷ ରାଷ୍ଟ୍ରପତି ପୁଟିନଙ୍କ ନିକଟତର ଅଟନ୍ତି ।ସ୍ଲୋଭାକିଆ ପୂର୍ବ ୟୁରୋପର ଏକ ଦେଶ । ଏହି ଦେଶର ପୂର୍ବରେ ୟୁକ୍ରେନ, ପଶ୍ଚିମରେ ଚେକ୍ ରିପବ୍ଲିକ୍, ଉତ୍ତରରେ ପୋଲାଣ୍ଡ ଏବଂ ଦକ୍ଷିଣରେ ହଙ୍ଗେରୀ ସୀମା ରହିଛି ।

## ଦୁଇ ଟ୍ରକ ମଝିରେ ଚାପି ହୋଇଗଲା କାର, ୬ ମୃତ

କେନ୍ଦୁଝର,୧୫।୫(ପି.ଏନ): ଦୁଇ ଟ୍ରକ ମଧ୍ୟରେ ଚାପିହୋଇଗଲା କାର । ୬ କାର ଯାତ୍ରୀ ମୃତ । କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ଜାତୀୟ ରାଜପଥରେ ଘଟିଛି ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା । ସମସ୍ତ ମୃତକ ବଡ଼ବିଲ ଭଦ୍ରାସାହି ଅଞ୍ଚଳର ହିରାଲାଲ ପଲେଇଙ୍କ ପରିବାର ସଦସ୍ୟ ହୋଇଥିବା ସୂଚନା ରହିଛି । ନିଜ ପରିବାର ସହ ସେ ବାଂଶପାଳ ବ୍ଲକ୍ ତରମାକାନ୍ତକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଛି ।କାରଟି ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି । କାରଟି ଦୁଇ ଟ୍ରକ୍ ମଝିରେ ଚାପି ହେବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଛି ।

## ଗିରଫ ହେଲେ ଆଉ ଜଣେ ମନ୍ତ୍ରୀ

ଭୁବନେଶ୍ୱର,୧୫।୫(ପି.ଏନ): କଂଗ୍ରେସ ନେତା ତଥା ଝାଡଖଣ୍ଡ ସରକାରରେ ମନ୍ତ୍ରୀ ଥିବା ଆଲମଗିର ଆଲମଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏକ ମନି ଲଣ୍ଡରିଂ ମାମଲାରେ ତାଙ୍କୁ ବୁଧବାର ଗିରଫ କରାଯାଇଛି ।ଗତକାଲି ଇଡିର ରାଞ୍ଚି ସ୍ଥିତ କାର୍ଯ୍ୟାଳୟରେ ୭୦ ବର୍ଷୀୟ ଆଲମଗିର ଆଲମଙ୍କୁ ୯ରୁ ଅଧିକ ଘଣ୍ଟା ଧରି ଜେରା କରାଯାଇଥିଲା । ଆଉ ତା'ପରେ ଆଜି ଗିରଫ କରାଯାଇଛି ।ମେ' ୬ ତାରିଖରେ ଇଡି ତରଫରୁ ଆଲମଗିର ଆଲମଙ୍କ ବ୍ୟକ୍ତିଗତ ସଚିବ ସଞ୍ଜୀବ ଲାଲଙ୍କ ଘରୋଇ ସହାୟକ ଜାହାଙ୍ଗିର ଆଲମଙ୍କ ଆପାର୍ଟମେଣ୍ଟରେ ଚ ?।ଉ କରାଯାଉଥିଲା । ସେଠାରୁ ନଗଦ ୩୭ କୋଟି ଟଙ୍କା ଜବତ କରିଥିଲା ଇଡି । ଏହି ରେଡ୍ ପରେ ଆଲମଗିର ଆଲମ ଓ ସଞ୍ଜୀବ ଲାଲ ଗିରଫ ହୋଇଛନ୍ତି ।

## ଓଡିଶାରେ ନିର୍ବାଚନ ପ୍ରଚାର ମଇଦାନରେ ବିଜେପିର ଶୀର୍ଷ ନେତୃତ୍ୱ, ବିଜେଡିର ଚିନ୍ତା ବଢ଼ିଲା



ଭୁବନେଶ୍ୱର,୧୫।୫(ପି.ଏନ): ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରକୁ ସରଗରମ କରିଛି ବିଜେପି । ନିଜର ଶୀର୍ଷ ନେତୃତ୍ୱଙ୍କୁ ନିର୍ବାଚନ ମଇଦାନରେ ପ୍ରଚାର ପାଇଁ ଓହ୍ଲାଇଛି ଦଳ । ବିଜେପି ନେତୃତ୍ୱଙ୍କ ଏଭଳି ଘନଘନ ଗସ୍ତ ଓ ଆକ୍ରମଣାତ୍ମକ ପ୍ରଚାର ବିଜେଡିର ଚିନ୍ତା ବଢ଼ାଇଛି । ବିଜେପି ରାଜ୍ୟରେ ନିର୍ବାଚନୀ ପ୍ରଚାରକୁ ତ୍ୱରାନ୍ୱିତ କରି ଡବଲ ଇଞ୍ଜିନ ସରକାର ଗଢ଼ିବ ବୋଲି ପ୍ରତିବଦ୍ଧତା ଜାହିର କରିଛି । ବିଜେଡିର ୪୦ଜଣିଆ ଷ୍ଟାର ପ୍ରଚାରକ ତାଲିକା ଥିଲେ ମଧ୍ୟ ଦଳ କେବଳ ଭିକେ ପାଣ୍ଡିଆନଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି । ନବୀନ ମଧ୍ୟ ପୂର୍ବ ନିର୍ବାଚନଗୁଡିକ ତୁଳନାରେ ଚଳିତଥର କମ୍ ପରିମାଣରେ ପ୍ରଚାର ମଇଦାନକୁ ଓହ୍ଲାଉଥିବା ଦେଖିବାକୁ ମିଳିଛି । ବିଜେପିର ଆକ୍ରମଣାତ୍ମକ ଆଭିମୁଖ୍ୟ ଓ କେନ୍ଦ୍ରୀୟ ନେତାମାନଙ୍କ ପ୍ରଚାର ଏବେ ବିଜେଡିର ଅଡୁଆ ବଢ଼ାଇବାରେ ଲାଗିଛି ।ସୂଚନା ଅନୁସାରେ, ଆଜି ଗୋଟିଏ ଦିନରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ବିଜେପି ଚାଣକ୍ୟ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ, ଲୋକସଭା ବାଚସ୍ପତି ଓମ୍ ବିର୍ଲା ରାଜ୍ୟରେ ପ୍ରଚାରର ମଙ୍ଗ ଧରିଛନ୍ତି । ଆସନ୍ତାକାଲି ଅର୍ଥାତ୍ ୧୬ତାରିଖରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସମେତ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ନିର୍ବାଚନ ମଇଦାନକୁ ଓହ୍ଲାଇବେ । ସେହିପରି ୧୭ତାରିଖରେ ସାଂସଦ ହେମାମାଳିନୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବିଜେପି ଚାଣକ୍ୟ ଶ୍ରୀ ଶାହ ମଧ୍ୟ ରାଜ୍ୟରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ଜଣାପଡିଛି ।ଆଜି ଦିନକିଆ ଗସ୍ତରେ ଆସିଥିବା ବିଜେପି ଚାଣକ୍ୟ ଶ୍ରୀ ଶାହ ଆସିକା ଲୋକସଭା ମଣ୍ଡଳୀର ସୋରଡାଠାରେ ବିଜୟ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିବା ପରେ କଟକରେ ବିଶାଳ ରୋଡ୍ ଶୋ' କରିଛନ୍ତି । ଶ୍ରୀ ଶାହ ଆଜି ଫେରି ଯାଇଥିଲେ ମଧ୍ୟ ପୁଣିଥରେ ୧୭ତାରିଖରେ ଓଡିଶା ଆସି ରାଉରକେଲାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବାର କାର୍ଯ୍ୟକ୍ରମ ରହିଛି ।

## ପୁରୀରେ ଘର ଭିତରୁ ହେଲା ଏସିଡ ମାଡ; ଆଖି ମୁହଁ ସବୁ ପୋଡିଗଲା

ପୁରୀ,୧୫।୫(ପି.ଏନ): (ଓଡ଼ିବସିଡ ମାଡ । ହାତରେ ଏସିଡ ବଲ ଧରିଲେ ମୁହଁକୁ ମୁହଁକୁ ଏସିଡ ମାଡ କଲେ । ଆଖିକୁ ପିଠିକୁ ଯୁଆଡ ? ପାରିଲେ ଏସିଡ ମାରି ଚାଲିଲେ । ଦୟା ମାୟା ରହିଲା ନାହିଁ ଦୁର୍ବୃତ୍ତ ମାନଙ୍କ ପାଖରେ । ଅତି ନୃଶଂସତାର ପରିଚୟ ଦେଇ ମାରି ଚାଲିଥିଲେ ଏସିଡ । ଛାଡ ଛାଡ କହୁଥିଲେ ସୁଧା କାହାରି ଉପରେ ଫରକ ପଡୁନଥିଲା । ଏମିତି କିଛି ଦୃଶ୍ୟ ଦେଖିବାକୁ ମିଳିଛି ତାଳବଣୀଆ ଥାନା ଅନ୍ତର୍ଗତ ଚମାରସାହିରେ ।ପୂର୍ବ ଶତ୍ରୁତାକୁ ନେଇ ଘଟିଛି ଅଘଟଣ । ୯ ଜଣଙ୍କ ଉପରକୁ ହୋଇଛି ଏସିଡ ଦ୍ୱାରା ଆକ୍ରମଣ । ସମସ୍ତେ ଗୁରୁତର ଆହତ ହୋଇଛନ୍ତି । ୩ ଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଛି । ୨ ଜଣଙ୍କ ଆଖି ଗୁରୁତର ଭାବରେ ପ୍ରଭାବିତ ହୋଇଛି । ସୂଚନା ଅନୁସାରେ ଗତକାଲି ସନ୍ଧ୍ୟାରେ ପୂର୍ବ ଶତ୍ରୁତାକୁ ନେଇ ସିଦ୍ଧାମହାବୀର ଚମାରସାହିରେ ଏସିଡ ମାଡ଼ ହୋଇଛି ।ଆହତ ହୋଇଥିବା ଲୋକ ହେଲେ ବାଞ୍ଛୁ ବେହେରେ (୪୨) ତାଙ୍କ ସ୍ତ୍ରୀ ଯମୁନା ବେହେରା (୪୦), ଯମୁନାଙ୍କ ଭଉଣୀ ପାର୍ବତୀ ବେହେରା (୩୦), ଭାଇ ବିଜୟ ବେହେରା (୩୫) ଓ ତାଙ୍କ ଅନ୍ୟ ସମ୍ପର୍କୀୟ ସାରଥୀ ବେହେରା (୩୪), ଚମ୍ପା ବେହେରା (୫୦) ଓ ଦୁଲେଇ ବେହେରା (୪୯) । ସେହିପରି ଅନ୍ୟ ପରିବାରରୁ ଆହତ ହୋଇଥିବା ବାପ ପୁଅ ହେଲେ ବିଜୟ ବେହେରା (୪୮) ଓ ତାଙ୍କ ପୁଅ ପ୍ରଶାନ୍ତ ବେହେରା । ଘଟଣାସ୍ଥଳ ଓ ମେଡିକାଲରେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

## ଟ୍ରକ୍-କାର୍-ଟ୍ରକ୍ ମଧ୍ୟରେ ସିରିଜ୍ ଧକ୍କା: ୬ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୧୫।୫(ପି.ଏନ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ରିମୁଳି ବାଇପାସରେ ଆଜି ରାତିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି । ବଡ଼ବିଲ ଯାଉଥିବା ଏକ କାର୍ ବାଇପାସରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛ ପାର୍ଶ୍ୱରୁ ଧକ୍କା ଦେଇଥିଲା । ତେବେ କାର୍ ପଛରେ ଆସୁଥିବା ଆଉ ଗୋଟିଏ ଟ୍ରକ୍‌କୁ ଧକ୍କା ଦେଇଥିଲା । ଅର୍ଥାତ ଦୁଇ ଟ୍ରକ୍ ମଝିରେ ଚାପି ହୋଇଯାଇଥିଲା କାର୍ । ଯେଉଁଥିପାଇଁ କାର୍‌ରେ ୬ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ।

# ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Thursday May 16, 2024 | ଭୁବନେଶ୍ୱର ଗୁରୁବାର, ମଇ ୧୬,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com | ୮


## ଖାଉଟି ଅଦାଲତ ଦ୍ୱାରା ବନ୍ତ ଅତିରିକ୍ତ ତହସିଲଦାର ଓ ଛାୟାଳସିଂ ରାଜସ୍ୱ ଅଧିକାରୀ ଦଣ୍ଡିତ

ଭୁବନେଶ୍ୱର,(ପି.ଏନ): ଆଜି ଏକ ଗୁରୁତ୍ୱ ପୂର୍ଣ୍ଣ ରାୟ କ୍ରମରେ ସି. ଡ଼ି. କେସ ନଂ - ୮୦/୨୩ ମୂଳେ ବନ୍ତ ଅତିରିକ୍ତ ତହସିଲ ଦାର ଓ ଛାୟାଳସିଂ ରାଜସ୍ୱ ଅଧିକାରିଙ୍କୁ ୨୦,୦୦୦ ଟଙ୍କା ଜୋରିମାନା ୨୦୦୦ ଟଙ୍କା ମାମଲାରେ ଖର୍ଚ୍ଚ ବାବାଦ ଆବେଦନ କାରିଙ୍କୁ ଏକ ମାସ ମଧ୍ୟରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି.

ବିବରଣୀ ଅନୁଯାୟୀ ବନ୍ତ ବେଗଣ ଗ୍ରାମର ଆଇନଜୀବୀ ବିଶ୍ୱନାଥ ସାହୁ ନିଜର ପିତା ଚ଼ିନ୍ତା ମଣି ସାହୁ ଓ ମାତା ଅମ୍ବିକା ସାହୁଙ୍କ ଦେହାନ୍ତ ପରେ ଉତ୍ତରାଧିକାରୀ ଭାବରେ ନିଜ ମାତାଙ୍କ ନାମରେ ଥିବା ମୌଜା -ବେଗନା, ଖାତା ନଂ- ୫୬କୁ ୱାରସ ସଂଶୋଧନ କରି ନିଜ ନାମରେ ରେକର୍ଡ କରିବା ପାଇଁ ଅନଲାଇନ ଜରିଆରେ ଗତ ତା.୨୧.୩.୨୩ ରିଖରେ ବନ୍ତ ତହସିଲରେ ଆବେଦନ କରିଥିଲେ।ଯାହାକି ନାମଜାରୀ ମୋକଦ୍ଦମା ନଂ- ୫୦୮/୨୩ ହୋଇଥିଲା. ଏହି ମାମଲାରେ ବନ୍ତ ତହସିଲଦାର ଛାୟାଳସିଂ ରାଜସ୍ୱ ଅଧିକାରୀଙ୍କୁ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେବାରୁ ସେ ନିଜର ତଦନ୍ତ ରିପୋର୍ଟରେ ଦର୍ଶାଇ ଥିଲେ ଯେ ବିଶ୍ୱନାଥ ଚ଼ିନ୍ତାମଣିଙ୍କର ଧରମ ପୁତ୍ର। ତଙ୍କର ଜନ୍ମିତ ବାପା ଧରଣୀଧର ସାହୁ। ଏହା ପୂର୍ବରୁ ଶ୍ରୀ ସାହୁ ନିଜର ପ୍ରକୃତ ପିତା ଚ଼ିନ୍ତାମଣି ଦର୍ଶାଇ ନିଜର ଆଧାର କାର୍ଡ, ଭୋଟ ପରିଚ଼ୟ ପତ୍ର ଇତ୍ୟାଦି ଅନେକ ସରକାରୀ କାଗଜ ପତ୍ର ଆଧାରରେ ଗତ ୨୦୧୮ ମସିହା ମାର୍ଚ୍ଚ ୧୪ରେ ରାଜସ୍ୱ ଅଧିକାରୀ ଏକ ରିପୋର୍ଟ ଦେଇଥିଲେ ଯେଉଁ ଥିରେ ଦର୍ଶାଇ ଥିଲେ, ଯେ ଆବେଦନକାରି ଚ଼ିନ୍ତାମଣୀଙ୍କର ପୁତ୍ର। ସେତେବେଳେ ଆବେଦନକୁ ତହସିଲଦାର ମଞ୍ଜୁର କରିଥିଲେ ବି ଏବେ ରାଜସ୍ୱ ଅଧିକାରୀଙ୍କ ରିପୋର୍ଟ ବଳରେ ନାମଜାରୀ କେସକୁ ଖାରଜ କରି ଦେଇଥିଲେ।ଏହି ଆଦେଶକୁ ସରକାରୀ କର୍ମଚ଼ାରୀଙ୍କର ମନମୁଖୀ, ଅନ୍ୟାୟ, ବେପରୁଆ ଦର୍ଶାଇ ଶ୍ରୀ ସାହୁ ଭଦ୍ରକ ଖାଉଟି ବିବାଦ ସମାଧାନ ମଞ୍ଚରେ ଆବେଦନ କରିଥିଲେ.



ସମ୍ବଲପୁର ଠାରେ ଲୋକସଭାର ବାଚ଼ସ୍ପତି ଓମ ବିର୍ଲା ଙ୍କୁ ସମାଜସେବୀ ଅଜୟ ଅଗ୍ରୱାଲ, ବିଜେପି ନେତା ପୁରନ୍ଦର ମିଶ୍ର ଏବଂ ଅନ୍ୟମାନେ ଭବ୍ୟ ସମ୍ବର୍ଦ୍ଧନା ଜଣାଉଛନ୍ତି ।

## ପୂର୍ବତନ ବିଧାୟକ ଡମ୍ବୁରୁ ଉଲ୍ଲାକାଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର ,(ପି.ଏନ): ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଡମ୍ବୁରୁଧର ଉଲ୍ଲାକାଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି। ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତ ଯେ ସ୍ୱର୍ଗତ ଉଲ୍ଲାକା କଂଗ୍ରେସ ଦଳର ଜଣେ ଅଭିଜ୍ଞ, ବରିଷ୍ଠ ତଥା ଉତ୍ସର୍ଗୀକୃତ ଜନନେତା ଥିଲେ। ଦଳ ପକ୍ଷରୁ ତାଙ୍କୁ ସାଂଗଠନିକ ଦାୟିତ୍ୱ ହେଉ ଅବା ବିଧାନସଭାରେ ବିଧାୟକ ଭାବରେ ପ୍ରତିନିଧିତ୍ୱ କରିବାର ହେଉ ଯେତେବେଳେ ଯେଉଁ ଦାୟିତ୍ୱ ମିଳିଛି ତାହାକୁ ସେ ନିଷ୍ଠାର ସହ ନିର୍ବାହ କରିଛନ୍ତି। ସେ ବିଷମ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କ ସହ ନିବିଡ଼ ସମ୍ପର୍କ ରଖିଥିଲେ। ସ୍ୱର୍ଗତ ଉଲ୍ଲାକା ଜଣେ ସରଳ, ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ବ୍ୟକ୍ତିଥିଲେ। ତାଙ୍କର ଦେହାନ୍ତଦଳପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସଂଗେ ସଂଗେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତ।

## ୨୦୨୨ ବ୍ୟାଚ୍ ଓଡ଼ିଶା କ୍ୟାଡ଼ରର ଛଅ ଆଇ.ଏ.ଏସ୍. ଟ୍ରେନି ଅଫିସର ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ



ଭୁବନେଶ୍ୱର:(ପି.ଏନ) ଓଡ଼ିଶା କ୍ୟାଡ଼ର ୨୦୨୨ ବ୍ୟାଚ୍‌ର ଛଅ ଜଣ ଆଇଏଏସ୍ ଟ୍ରେନି ଅଫିସର ଆଜି ରାଜଭବନରେ ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛର୍ନ୍ତି। ଟ୍ରେନି ଅଫିସରମାନେ ପ୍ରଥମେ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସେମାନଙ୍କ ସହ ବା ଳାପ ଅବସରରେ ରାଜ୍ୟପାଳ ଏହି ନୂତନ ପ୍ରଶାସନିକ ଅଧିକାରୀମାନଙ୍କୁ ଗରିବମାନଙ୍କର ସେବାକୁ ପ୍ରାଥମିକତା ଦେବାକୁ କହିଛର୍ନ୍ତି। ଓଡ଼ିଶାର ଜନସାଧାରଣ ନିରୀହ ଓ ସରଳ । ଓଡ଼ିଶାରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ କିପରି ସମାଜର ତଳସ୍ତରକୁ ପହଂଚି ପାରିବ ତାକୁ ପ୍ରାଥମିକତା ଦେବା ସହ ଯେଉଁଠାରେ ବି କାମ କର୍ନ୍ତୁ ସେଠାକାର ଜନସାଧାରଣଙ୍କ ଜୀବନରେ ପରିବ ନ ଆଣିବାକୁ ଶ୍ରୀ ଦାସ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛର୍ନ୍ତି। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର ମଧ୍ୟ ନୂତନ ଆଇଏଏସ୍ ଅଧିକାରୀଙ୍କୁ ନିଜର ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

## ହରିଶଙ୍କର ଠାରେ ଲକ୍ଷେଘର ଗଣ୍ଡାସମାଜର ବ୍ଲକ ସ୍ତରୀୟ ସମାବେଶ ସହ ନୂତନ କମିଟି ଗଠନ

ଖପ୍ରାଖୋଲ(ପିଏନ): ଖପ୍ରାଖୋଲ ବ୍ଲକ ହରିଶଙ୍କର ଲିଚୁ ବଗିଚ଼ା ଠାରେ ଲକ୍ଷେଘର ଗଣ୍ଡା ସମାଜ ର ବ୍ଲକ ସ୍ତରୀୟ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜଳନ୍ଧର ତାଣ୍ଡି ଙ୍କ ଅଧ୍ୟକ୍ଷତାରେ ରେ ଅନୁଷ୍ଠିତ ବୈଠକରେ ଲକ୍ଷେ ଘର ଗଣ୍ଡାସମାଜ୍ ର ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲକ୍ ସ୍ତରୀୟ ପୁରୁଣା କମିଟି ଭଙ୍ଗ କରି ନୂତନ କର୍ମକର୍ତ୍ତା ଚ଼ୟନ କରାଯାଇଥିଲା। ବ୍ଲକ ସଭାପତି ରୂପେ ନିରାକାର ଛୁରା ,ସମ୍ପାଦକ ମହିନାଥ ସୁନା, ଉପ ସଭାପତି ଅଶୋକ ବାଗ, କୋଷାଧକ୍ଷ ରୂପେ ଡିଲେଶ୍ୱର ଜାଲ ଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା । ଲବ ସୁନା, ଜଳଧର ତାଣ୍ଡି, ରାଧେଶ୍ୟାମ ନାଗ, ଗୌରାଙ୍ଗ ବାରିକ, ଟଙ୍କଧର ତାଣ୍ଡି, ତପୋବନ୍ତ କୁମ୍ଭାର, ଜନକ ତାଣ୍ଡି ଙ୍କୁ କାର୍ଯ୍ୟନିର୍ବାହୀ କମିଟିରେ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା । ଏହା ସହ ବ୍ଲକ ର ବିଭିନ୍ନ ପଞ୍ଚାୟତ ର ଗ୍ରାମ ମାନଙ୍କରୁ କୋଡ଼ିଏ ଜଣ ସଦସ୍ୟଙ୍କୁ ଉପଦେଷ୍ଟା କମିଟି ରେ ସଦସ୍ୟ ଭାବରେ ମନୋନୀତ କରାଯାଇଥିଲା । ପରେ ନୂତନ ସଭାପତିଙ୍କ ଶ୍ରୀ ଛୁରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକରେ ସମାଜ ର ସାମୁହିକ ବିକାଶ କୁ ଗୁରୁତ୍ୱ ଦେବା ପାଇଁ ଆଲୋଚ଼ନା ହେବ ସହ ଆଗାମୀ ନିର୍ବାଚ଼ନରେ ଲକ୍ଷେ ଘର ଗଣ୍ଡା ସମାଜ ର ସଦସ୍ୟ ମାନେ ନିରପେକ୍ଷ ଭାବେ ଉଚ଼ିତ୍ ସାଂସଦ ଓ ବିଧାୟକ ପ୍ରାର୍ଥୀ ଙ୍କୁ ଭୋଟ ଦେବ ପାଇଁ ମତ ପ୍ରକାଶ ପାଇଥିଲା।

## ନିଟ ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ , ୩ ଗିରଫ

ଭଦ୍ରକ ,(ପି.ଏନ): ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ ରେ ଜାଲିଆତି କରି ୩ ଗିରଫ । ଜଣେ ପରୀକ୍ଷାର୍ଥୀ ପାଇଁ ଅନ୍ୟ ଜଣେ ଦେଉଥିଲେ ପରୀକ୍ଷା । ଏମିତି ଏକ ନକଲି ପରୀକ୍ଷାର୍ଥୀଙ୍କୁ ଧରିଛି ଭଦ୍ରକ ଗ୍ରାମାଞ୍ଚଳ ପୋଲିସ । ସୂଚ଼ନା ଅନୁଯାୟୀ ଭଦ୍ରକ ସହର ର ଏକ ଘରୋଇ ସ୍କୁଲ ରେ ନିଟ ପରୀକ୍ଷା ହେଉଥିବା ବେଳେ ନକଲି ପରୀକ୍ଷାର୍ଥୀ ଙ୍କୁ ଧରିଛି ପୋଲିସ । ମେ ମାସ ୫ ତାରିଖ ରେ ନିଟ ପରୀକ୍ଷା ବେଳେ ସନ୍ଦେହ ହେବାରୁ ସେଣ୍ଟର ତରଫରୁ ଆଡ଼ମିନିଷ୍ଟ୍ରେଟିଭ ଅଫିସର ଙ୍କୁ ଅଫିସର ଙ୍କୁ ଅବଗତ କରାଯାଇଥିଲା । ତେବେ ଆଡ଼ମିଟ କାର୍ଡ ରେ ନକଲି ପରୀକ୍ଷାର୍ଥୀ ଙ୍କ ଫଟୋ ଥିଲା । କିନ୍ତୁ ଆଧାର କାର୍ଡ ଯାଞ୍ଚ ବେଳେ ଫିଙ୍ଗର ପ୍ରିଣ୍ଟ ମ୍ୟାଚ଼ କରିନଥିଲା । ପରେ ପୋଲିସ ତଦନ୍ତ କରିବା ବେଳେ ଜଣାପଡିଥିଲା ଯେ ମୟୁରଭଞ୍ଜ ଅଞ୍ଚଳ ର ଶାଶ୍ୱତ ତ୍ରିପାଠୀ ନିଟ ପରୀକ୍ଷା ଦେଇଥାନ୍ତେ । କିନ୍ତୁ ଅନ୍ୟ ଜଣେ ପରୀକ୍ଷାର୍ଥୀ ପାଇଁ ପ୍ରଥମେ ଆଦିତ୍ୟ କୁମାର ଙ୍କ ସହ ଯୋଗାଯୋଗ କରିଥିଲେ , ପରେ ରାଜେଶ କୁମାର ମଧୁକର ମାଧ୍ୟମ ରେ ନକଲି ପରୀକ୍ଷାର୍ଥୀ ଭାବେ କଲିକତା ମେଡିକାଲ କଲେଜ ର ତୃତୀୟ ବର୍ଷ ଛାତ୍ର ଅଙ୍କିତ ରାଜ କୁ ଯୋଗାଯୋଗ କରିଥିଲେ । ଗରିବ ଶ୍ରେଣୀ ର ଛାତ୍ର ହୋଇଥିବାରୁ ମାତ୍ର ୧୦ ଲକ୍ଷ ଟଙ୍କା ରେ ପରୀକ୍ଷା ପାଇଁ ଡିଲ୍ ହୋଇଥିଲା । ତେବେ ଯାଞ୍ଚ ବେଳେ ପୋଲିସ ୩ ଜଣ ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ଅଛନ୍ତି । ଗିରଫ ଙ୍କ ମଧ୍ୟ ରେ ବିହାର ଅଞ୍ଚଳ ର ଅଙ୍କିତ ରାଜ , ମଧ୍ୟସ୍ଥି ବିହାର ର ରାଜେଶ ମଧୁକର ଓ ବିହାର ର ପ୍ରେମ ଶଙ୍କର ପାଣ୍ଡେ ଗିରଫ ହୋଇଛନ୍ତି । ୧୦ ଲକ୍ଷ ଟଙ୍କା ନେବା ନେଇ ବ୍ୟାଙ୍କ ରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୋବାଇଲ୍ ଫୋନ୍ ସମେତ ଏକ କାର ମଧ୍ୟ ଜବତ କରିଛି ପୋଲିସ ଅଧିକ ତଦନ୍ତ ପାଇଁ ପୋଲିସ ସବିଶେଷ ତଥ୍ୟ ପ୍ରଦାନ କରି ନାହିଁ ।

## ବନ୍ଦ ଘରୁ ମହିଳାଙ୍କ ମୃତ ଦେହ ଉଦ୍ଧାର ହାଇ ପ୍ରୋଫାଇଲ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଭଦ୍ରକ,(ପି.ଏନ):ବନ୍ଦ ଘର ଭିତରୁ ମହିଳାଙ୍କ ମୃତ ଦେହ ଉଦ୍ଧାର ମାମଲା ରେ ମୁଖ୍ୟ ଅଭିଯୁକ୍ତ କୁ ଗିରଫ କରିଛି ପୋଲିସ ।ସୂଚ଼ନା ମୁତାବକ ମୃତକ ଜଣକ ମଧୁସ୍ମିତା ନାୟକ, ସ୍ୱାମୀ ମହେଶ୍ୱର ନାୟକ ଙ୍କ ଘର ତିହିଡି ଥାନା ଅଧୀନ ଗୋଳାପୋଖରୀ ରେ । ସ୍ୱାମୀ ମହେଶ୍ୱର ନାୟକ ମୁମ୍ବାଇ ରେ ରହି ଚ଼ାକିରୀ କରୁଥିବା ବେଳେ ସ୍ତ୍ରୀ ମଧୁମିତା ଅପର୍ତ୍ତିବିନ୍ଧା ନ୍ୟୁ କଲୋନୀ ରେ ଗତ ୬ ମାସ ହେବ ଭଡା ଘରେ ରହୁଥିଲେ ।ସ୍ୱାମୀ ବିଗତ ୧୪ ଦିନ ହେବ ସ୍ତ୍ରୀ କୁ ଫୋନ କରିବାରୁ ସ୍ତ୍ରୀ ମଧୁସ୍ମିତା ସ୍ୱାମୀ ଙ୍କ ଫୋନ ଉଠାଉ ନଥିଲେ ତେବ? ସନ୍ଧ?ହ ହେବାରୁ ପାଖ ପୋଡ଼ସୀ ଙ୍କୁ ମଧ୍ୟ ଫୋନ କରିଥିଲେ କିନ୍ତୁ ବାହାରୁ ଘରେ ଚ଼ାବି ପଡ଼ିଥିବା କହିଥିଲେ ପୋଡ଼ସୀ । ତେବେ ସ୍ୱାମୀ ଆସି ପୋଲିସ ଓ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତି ରେ ମାର୍ଚ୍ଚ ୩୦ କବାଟ ଭାଙ୍ଗି ମୃତ ଦେହ ଉଦ୍ଧାର କରିବା ସହ ଏକ ସ୍ୱତନ୍ତ୍ର ଟିମ ଯେଉଁଥିରେ ସିଟି ଡ଼ିଏସପି ଅଂଶୁମାନ ଦ୍ୱିଦ୍ୱେଦି ଙ୍କ ତତ୍ତ୍ୱାବଧାନରେ ଟାଉନ ଥାନାଧିକାରୀ ଓ ପୁରୁଣାବଜାର ଥାନାଧିକାରୀ ଙ୍କ ସହ ଅନ୍ୟ ପୋଲିସ କର୍ମଚ଼ାରୀ ମାନଙ୍କ ସହ ତଦନ୍ତ କରୁଥିଲା ପୋଲିସ ଯାହା କି ଏହି ଜଘନ୍ୟ ହତ୍ୟାକାଣ୍ଡ ର ରହସ୍ୟ ଖୋଲିବା ପୋଲିସ ପାଇଁ ଏକ ବଡ ଚ଼ାଲେଞ୍ଜ ଥିଲା ।ତେବେ ପୋଲିସ ପ୍ରଥମେ କଲ ଡିଟେଲ ଯାଞ୍ଚ କରି ଗତକାଲି ଚ଼ରମ୍ପା ଅଂଚ଼ଳରେ ଅଭିଯୁକ୍ତ ଜଣକ ବୁଲୁଥିବା ବେଳେ ମୋବାଇଲ ଟ୍ରାକିଙ୍ଗ ଜରିଆରେ କାବୁ କରିବାରେ ସଫଳ ହୋଇଥିଲା । ତେବେ ଅଭିଯୁକ୍ତ ଙ୍କ ସଙ୍ଗରେ ମଧୁସ୍ମିତା ଙ୍କର ଅନୈତିକ ସମ୍ପର୍କ ୨୦୨୧ରୁ ରହିଆସିଥିଲା । ସ୍ୱାମୀ ବାହାରେ ରହୁଥିବା ବେଳେ ତାହାର ଫାଇଦା ଉଠାଇଥିଲେ ମଧୁସ୍ମିତା ।୨୦୨୧ ଠାରୁ ଅଭିଯୁକ୍ତ ଆଶିଷ ମହାନ୍ତି ନିୟମିତ ଭାବେ ମଧୁସ୍ମିତା ଙ୍କ ସାଙ୍ଗରେ ସମ୍ପର୍କ ରେ ରହୁଥିଲେ ।ସୂଚ଼ନା ମୁତାବକ ଅଭିଯୁକ୍ତ ଆଶିଷ ଭୁବନେଶ୍ୱର ରେ ଏକ ଘରୋଇ ସ୍କୁଲ ରେ ଫାର୍ମାସିଷ୍ଟ ରୂପେ କାର୍ଯ୍ୟ କରୁଥିବା ବେଳେ ମଧୁସ୍ମିତା ଙ୍କ ପୁଅ ସେଠାରେ ରହି ପାଠ ପଢୁଥିଲେ ।ତେବେ କରୋନା ମହାମାରୀ ସମୟରେ ମଧୁସ୍ମିତା ଙ୍କ ପୁଅ ଦେହ ଅସୁସ୍ଥ ହେବାରୁ ଉତ୍ତମ ଚ଼ିକିତ୍ସା ପାଇଁ ମଧୁ ଆଶିଷ ସାଙ୍ଗରେ ସବୁବେଳେ ଯୋଗାଯୋଗ ରେ ରହୁଥିଲେ ।ସେବେଠାରୁ ବଢିଥିଲା ସମ୍ପର୍କ ଆଉ କଲାକ୍ରମେ ତାହା ପ୍ରେମ ସମ୍ପର୍କ କୁ ବଢିଥିଲା । ଗତ ୧୬ ମାର୍ଚ୍ଚ ରେ ମଧୁସ୍ମିତା ରହୁଥିବା ଭଦ୍ରକ ସହର ଅପାର୍ତିବିନ୍ଧା ନିଉ କଲୋନୀ ରେ ଭଡା ଘରେ ଅପରାହ୍ନରେ ପହଂଚ଼ିଥିଲେ ଆଶିଷ ଏବଂ ସବୁଦିନ ଭଳି ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ କିନ୍ତୁ ଉଭୟ ଙ୍କ କୌଣସି କାରଣରୁ ବଚ଼ସା ହେବାରୁ ଭଡା ଘରେ ଥିବା ଏକ ଟିୱେଲ ପ୍ରାଞ୍ଜିଲ ରଡ଼ ସାହାଯ୍ୟରେ ମଧୁସ୍ମିତା ଙ୍କୁ ପିଟି ପିଟି ହତ୍ୟା କରିଥିଲେ ବାହାର ପଟୁ ଚ଼ାବି ଦେଇ ପଳାଇଥିଲେ ।ତେବେ ଅଭିଯୁକ୍ତ ଆଶିଷ ମହାନ୍ତି ଙ୍କ ଙ୍କ ଘର ଜଗତସିଂପୁର ଅଗର ଗାଁ ରେ ଯାହା ପୋଲିସ ଆଜି ସାମ୍ବାଦିକ ସମ୍ମିଳନୀ ଜରିଆରେ ସିଟି ଡ଼ିଏସପି ଅଂଶୁମାନ ଦ୍ୱିଦ୍ୱେଦି ସୂଚ଼ନା ଦେବା ସହ ଆଜି ସେହି ଅଭିଯୁକ୍ତ କୁ କୋର୍ଟ ଚ଼ାଲାଣ କରିଛି ପୋଲିସ ।ତେବେ ଅଭିଯୁକ୍ତ ଙ୍କୁ ଗିରଫ ପରେ ପ୍ରଥମେ ଡାକ୍ତରୀମଇନା କରି ହତ୍ୟା କରିଥିବା ସ୍ଥାନକୁ ନେଇ ସିନ ରି କ୍ରିଏସନ କରିଥିଲା ପୋଲିସ ।ତେବେ ଏଭଳି ଏକ ହତ୍ୟା କାଣ୍ଡ ପୋଲିସ ପାଇଁ ଚ଼ାଲେଞ୍ଜ ସୃଷ୍ଟି କରିଥିବା ବେଳେ ହତ୍ୟା ର ଖୁବ କମ ଦିନ ମଧ୍ୟରେ ପୋଲିସ ଅଭିଯୁକ୍ତ ଙ୍କୁ ଧରିବା ଯାହା ପୋଲିସ କାର୍ଯ୍ୟକୁ ବେଶ ପ୍ରଶଂସା କରିଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray